- ସମସ୍ତ ସରକାରୀ ଯୋଜନାକୁ ପଞ୍ଚାୟତ ସ୍ତରରୁ ଗାଁ'କୁ ଆଣିବା ଓ ପ୍ରତ୍ୟେକ ଯୋଜନାରେ ମହିଳାମାନଙ୍କ ଭାଗିଦାରିତାକୁ ସୁନିଶ୍ଚିତ କରିବା ।
- ନିଜ ଅଞ୍ଚଳରେ ମହିଳାଙ୍କ ବିରୁଦ୍ଧରେ ହେଉଥିବା ହିଂସା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ଓ ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରିବା ।

## ଢାଞ୍ଚା:

ସ୍ୱରର ଏକ ରାଜ୍ୟ ସ୍ତରୀୟ କାର୍ଯ୍ୟକାରିଣୀ କମିଟି ରହିବ । ଏହି କାର୍ଯ୍ୟକାରିଣୀ କମିଟିର ସଭାନେତ୍ରୀ, ଉପସଭାନେତ୍ରୀ, ସଂପାଦିକା, ସହସଂପାଦିକା, କୋଷାଧ୍ୟକ୍ଷା ଓ କାର୍ଯ୍ୟକାରିଣୀ ସଭ୍ୟାମାନେ ଆନୁଷ୍ଠାନିକ ଭାବେ ଦୁଇ ବର୍ଷ ନିମନ୍ତେ ମନୋନୀତ ହେବେ ।

## ପରିଚାଳନା:

- ପ୍ରତ୍ୟେକ ସଭ୍ୟାମାନଙ୍କର କାର୍ଯ୍ୟକାଳ ଦୁଇ ବର୍ଷ ହେବ ।
- ପ୍ରତ୍ୟେକ ଦୁଇ ବର୍ଷକୁ ଥରେ ଆନୁଷ୍ଠାନିକ ଭାବରେ ପ୍ରସ୍ତାବକ ଓ ସମର୍ଥକ ଜରିଆରେ ସମସ୍ତ ପଦବୀ ଯଥା ସଭାନେତ୍ରୀ, ଉପସଭାନେତ୍ରୀ, ସଂପାଦିକା, ସହ-ସଂପାଦିକା, କୋଷାଧ୍ୟକ୍ଷା ତଥା ପରିଚାଳନା ସଭ୍ୟାମାନେ ସ୍ୱରର ସାଧାରଣ ସଭ୍ୟାମାନଙ୍କ ଦ୍ୱାରା ମନୋନୀତ ହେବେ ।
- ପ୍ରତି ତିନି ମାସରୁ ଥରେ ସ୍ୱର କମିଟିର କାର୍ଯ୍ୟକାରିଣୀ ବୈଠକ ବସିବ ।
- ଜିଲ୍ଲାଭିତ୍ତିକ ବ୍ଲକ ସ୍ତରରେ ସ୍ୱର ସଭ୍ୟାମାନଙ୍କ ପ୍ରତ୍ୟେକ ମାସରେ ବୈଠକ ବସିବ ।

## ନୀତି ଓ ନିୟମ:

- ସ୍ୱରର ସମସ୍ତ ପରିଚାଳନା ସଭ୍ୟାମାନେ ନିଶ୍ଚିତ ରୂପେ ଜଣେ ନିର୍ବାଚିତ ମହିଳା ପଞ୍ଚାୟତ ପ୍ରତିନିଧି ରୂପେ କାର୍ଯ୍ୟରତା ହେବେ ।
- ସ୍ୱରର ସାଧାରଣସଭ୍ୟା ଜଣେ ମହିଳା ପଞ୍ଚାୟତ ପ୍ରତିନିଧି ଯଥା ସରପଞ୍ଚ, ନାଏବ ସରପଞ୍ଚ, ସମିତିସଭ୍ୟା କିମ୍ବା ୱାର୍ଡ଼ ମେମ୍ବର ହୋଇଥିବେ ।
- କିମ୍ବା, ବିଗତ ପଞ୍ଚାୟତ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିଥିବେ ହୁଏତ ନିର୍ବାଚନରେ ଜିତିଥିବେ କିମ୍ବା ହାରିଥିବେ ।
- ହୁଏତ ନିର୍ବାଚନରେ ଜିତିଥିବେ କିମ୍ବା ହାରିଥିବେ ।

## ସଭ୍ୟାଙ୍କ ଦାୟିତ୍ୱ:

୧. ବ୍ଲକ, ଜିଲ୍ଲା ତଥା ରାଜ୍ୟ ସ୍ତରରେ ସ୍ୱରର କାର୍ଯ୍ୟକାରିଣୀ ସଭ୍ୟାମାନଙ୍କ ମାଧ୍ୟମରେ ନୂତନ ସଭ୍ୟା ଗ୍ରହଣ କରି ସ୍ୱରକୁ ମଜବୁତ୍ କରିବା ।

୨. ସ୍ୱର ମୁଖ୍ୟତଃ ଦୁଇଟି ବିଷୟ (ଦୁଇ ସନ୍ତାନ ନୀତିର ଉଚ୍ଛେଦ ଓ ପଞ୍ଚାୟତ ସ୍ତରରେ ମହିଳାମାନଙ୍କ ପାଇଁ ସ୍ୱତନ୍ତ୍ର କୋଠରୀ ଓ ପାଇଖାନାର ବ୍ୟବସ୍ଥା)କୁ ନେଇ ଜିଲ୍ଲା ସ୍ତରରେ ଓ ରାଜ୍ୟ ସ୍ତରରେ ସହଯୋଗୀ ଅନୁଷ୍ଠାନ ମାଧ୍ୟମରେ ସରକାରଙ୍କ ସହିତ ଲଗାତାର ସମସ୍ୟାକୁ ଉପସ୍ଥାପନା କରି ସମାଧାନ କରିବାକୁ ପ୍ରୟାସ ଜାରି ରଖିବ ।

୩. ପଞ୍ଚାୟତ ପ୍ରତିନିଧିମାନଙ୍କ ସମସ୍ୟାକୁ ସମାଧାନ କରିବା ।

## କାର୍ଯ୍ୟକଳାପ:

- ପଞ୍ଚାୟତ ସ୍ତରରେ ମହିଳାମାନଙ୍କ ସମସ୍ୟାକୁ ଉପସ୍ଥାପନା କରିବା ଓ ସମସ୍ୟାଗୁଡ଼ିକୁ ଲୋକଲୋଚନକୁ ଆଣିବା ।
- ପ୍ରତ୍ୟେକ ଯୋଜନାରେ ମହିଳାମାନଙ୍କ ଭାଗିଦାରିତାକୁ ସୁନିଶ୍ଚିତ କରିବା ।
- ସ୍ୱରର ସଭ୍ୟାମାନଙ୍କ ଦାୟିତ୍ୱ ବୃଦ୍ଧି ନିମନ୍ତେ ବିଭିନ୍ନ ତାଲିମ ଆୟୋଜନ କରିବା ।
- ନିଜ ଅଞ୍ଚଳର ମହିଳା ପ୍ରତିନିଧିମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା ।

## ସଭ୍ୟା ଚାନ୍ଦା :

ବ୍ଲକ, ଜିଲ୍ଲା ତଥା ରାଜ୍ୟ ସ୍ତରରେ ସ୍ୱରର କାର୍ଯ୍ୟକାରିଣୀ ସଭ୍ୟାମାନଙ୍କ ମାଧ୍ୟମରେ ନୂତନ ସଭ୍ୟା ଗ୍ରହଣ କରି ସ୍ୱରକୁ ମଜବୁତ୍ କରିବା ପାଇଁ ସ୍ୱରର ସଭ୍ୟାମାନଙ୍କଠାରୁ ବାର୍ଷିକ ୧୦.୦୦ ଟଙ୍କା ସଭ୍ୟାଚାନ୍ଦା ଗ୍ରହଣ କରାଯିବ । ଉକ୍ତ ଚାନ୍ଦାଦେୟକୁ କାର୍ଯ୍ୟକାରିଣୀ ସଭ୍ୟାମାନେ ସଂଗ୍ରହ କରି ସ୍ୱର ପାଣ୍ଠିରେ ଜମା ରଖିବେ । ଯେଉଁ ପାଣ୍ଠିକୁ ସ୍ୱରର ଆବଶ୍ୟକତା ଅନୁଯାୟୀ ଖର୍ଚ୍ଚ କରାଯିବ ।

**ଆସନ୍ତା ଏକ ବର୍ଷର କାର୍ଯ୍ୟପନ୍ଥା:**

୧. ପଞ୍ଚାୟତରାଜ ବ୍ୟବସ୍ଥାରେ ଦୁଇ ସନ୍ତାନ ନୀତିର ଉଚ୍ଛେଦ ପାଇଁ କାର୍ଯ୍ୟ କରିବା ।

୨. ପ୍ରତ୍ୟେକ ପଞ୍ଚାୟତ ଗୃହରେ ମହିଳାମାନଙ୍କ ପାଇଁ ସ୍ୱତନ୍ତ୍ର କୋଠରୀ ଓ ପାଇଖାନାର ବ୍ୟବସ୍ଥା କରିବାପାଇଁ ଦାବୀ କରିବା ।



**"SWORA"**

(State Women Panchayat Representatives Association)

ODISHA

NAWO

National Alliance of Women
Odisha Chapter

N-6/474, IRC Village, Nayapalli, BBSR-15, Odisha,
Ph : 0674 - 2553094, Fax - 0674-236094
E-mail : nawo_orissa@rediffmail.com | nawoorissa@gmail.com

# ସ୍ୱର

## ରାଜ୍ୟ ମହିଳା ପଞ୍ଚାୟତ ପ୍ରତିନିଧି ମହାସଂଘ, ଓଡ଼ିଶା

ନାଓ ଓଡ଼ିଶାର ଗତ ଆଠ ବର୍ଷ ପ୍ରଚେଷ୍ଟାର ପରିପ୍ରକାଶ ସ୍ୱର (State Women Panchayat Representatives Association) । 'ସ୍ୱର' ଓଡ଼ିଶାର ପ୍ରଥମ ମହିଳା ପଞ୍ଚାୟତ ପ୍ରତିନିଧିମାନଙ୍କ ମହାସଂଘ । ଗତ ୨୦୧୨ ମସିହା ମାର୍ଚ୍ଚ ମାସ ୨୮-୨୯ ତାରିଖରେ ଅନୁଷ୍ଠିତ ହୋଇଥିବା ରାଜ୍ୟସ୍ତରୀୟ ପଞ୍ଚାୟତ ପ୍ରତିନିଧିମାନଙ୍କ ସମ୍ବର୍ଦ୍ଧନା ସମ୍ମିଳନୀରେ ସ୍ୱର ଆନୁଷ୍ଠାନିକ ଭାବରେ ଗଠିତ ହୋଇଥିଲା ।

ମହିଳାମାନେ କିପରି ଅଧିକରୁ ଅଧିକ ପଞ୍ଚାୟତ ନିର୍ବାଚନ ପ୍ରକ୍ରିୟାରେ ଭାଗ ନେବେ, ନିର୍ବାଚିତ ହେବା ପରେ କିପରି ନିଜର ଦାୟିତ୍ୱକୁ ସୁଚାରୁ ରୂପେ ତୁଲାଇ ପାରିବେ ତଥା ନିଜ ଅଧିକାର ପାଇଁ ସ୍ୱର ଉତ୍ତୋଳନ କରି ସଫଳ ନେତୃତ୍ୱ ନେଇ ପାରିବେ ସେ ବିଷୟରେ ନାଓ ନିରବଚ୍ଛିନ୍ନ ଭାବରେ କାମ କରିଆସିଛି ।

**ସ୍ୱରର ଲକ୍ଷ୍ୟ:**

ନିର୍ବାଚିତ ମହିଳା ପଞ୍ଚାୟତ ପ୍ରତିନିଧିମାନଙ୍କ ମଧ୍ୟରେ ଏକତା ଆଣିବା, ସେମାନଙ୍କର କାର୍ଯ୍ୟ ଦକ୍ଷତା ବୃଦ୍ଧି କରିବା ତଥା ମହିଳା ପଞ୍ଚାୟତ ପ୍ରତିନିଧି ରୂପେ ସାମ୍ନା କରୁଥିବା ବିଭିନ୍ନ ସମସ୍ୟାକୁ ରାଜ୍ୟ ସ୍ତରରେ ଉପସ୍ଥାପନା କରି ସମାଧାନ କରିବା ।

**ଉଦ୍ଦେଶ୍ୟ:**

- ଓଡ଼ିଶାରେ ପ୍ରତ୍ୟେକ ଜିଲ୍ଲାର ମହିଳା ପଞ୍ଚାୟତ ପ୍ରତିନିଧିଙ୍କୁ ରାଜ୍ୟସ୍ତରରେ ଏକଜୁଟ କରିବା ।
- ମହିଳା ପଞ୍ଚାୟତ ପ୍ରତିନିଧିମାନଙ୍କ ଦକ୍ଷତା ବୃଦ୍ଧି କରିବା ।
- ନିର୍ବାଚିତ ମହିଳା ପ୍ରତିନିଧିମାନେ ସମ୍ମୁଖୀନ ହେଉଥିବା ସମସ୍ୟାଗୁଡ଼ିକୁ ଲୋକଲୋଚନକୁ ଆଣିବା ଓ ସମାଧାନ କରିବା ।